ସମାଜ

କଟକ, ତା୧୧।୧୦।୩୮ ମଙ୍ଗଳବାର

ପ୍ରବଳ ଝଡ଼ତୋଫାନ ଆସୁଛି

କିଛିଦିନ ପୂର୍ବେ ମନେ ହେଉଥିଲା ଯେ ଆକାଶରେ ଆଉ ବୋଧହୁଏ ମେଘଖଣ୍ଡ ଦେଖା ଦେବନାହିଁ, ଘନଘଟା ଏଥିକରେ ଶେଷ ପାଇଲା । କିନ୍ତୁ ବର୍ତ୍ତମାନ କେତେଦିନ ହେଲା ଦେଖୁଥାଇଁ ଯେ ଆକାଶରେ ପୁଣି ଘୋର ଘନଘଟା ଦେଖାଦେଇ ପ୍ରବଳ ଝଡ଼ ତୋଫାନ ସହ ପ୍ରବଳ ବୃଷ୍ଟି ହେଉଛି । ରାଜନୀତି କ୍ଷେତ୍ରରେ ମଧ୍ୟ ସେହି ଦଶା । ୟୁରୋପରେ ଯୁଗୋସ୍ଲୋଭାକିଆ ନେଇ ଯେ ଘୋର ଯୁଦ୍ଧର ଘନଘଟା ପ୍ରକାଶ ପାଉଥିଲା ତାହା ଦୂର ହୋଇଗଲା, ଶାନ୍ତି ପ୍ରତିଷ୍ଠିତ ହୋଇଗଲା, ଏଣିକି ଚାରିଆଡ଼ ନିର୍ମଳ ହୋଇଯିବ । ଇଂରେଜ ପ୍ରଧାନମନ୍ତ୍ରୀ ମିଷ୍ଟର ଚେମ୍ବରଲେନ କହିଲେ ଯେ ଏ ପୁରୁଷପାଇଁ ପୃଥିବୀରେ ଶାନ୍ତି ଆସିଗଲା ।

କିନ୍ତୁ ତାହା ନୁହେ । ଇଂଲଣ୍ଡରେ ଆଭ୍ୟନ୍ତରୀଣ ବିବାଦର ଆଶଙ୍କା ରହିଛି । ଇଂରେଜ ମନ୍ତ୍ରୀମଣ୍ଡଳରୁ କେତେ ଜଣ ଇସ୍ତଫା ଦେଲେଣି ଓ ଆଉ କେତେ ଜଣ ଦେବେ । ଜର୍ମାନଶାସକ ହିଟଲର ତାଙ୍କ ରାଜ୍ୟରେ ଇଂରେଜ ରାଜନୀତିଜ୍ଞଙ୍କୁ ଲକ୍ଷକରି ଏବେ କହୁଛନ୍ତି— "ଇଂରେଜ ରାଜନୀତିଜ୍ଞଙ୍କ ଆଡୁ ଆମକୁ ଶିକ୍ଷା ଦେବାଭଳି ହସ୍ତକ୍ଷେପ ଆମେ କେବେ ସହିବୁ ନାହିଁ ।" ଏନ୍ଥୋନି ଏଡ଼େନ୍ ଓ ଡ଼ଫଲୁପର ପ୍ରଭୃତି ରାଜନୀତିଜ୍ଞମାନେ ଥିଲେ ଯୁଦ୍ଧ ହୋଇଥାନ୍ତା ବୋଲି ସେ ତାଙ୍କ ବକ୍ତୃତାରେ କହୁଛନ୍ତି । ତା ସଙ୍ଗେ ସଙ୍ଗେ ସେ ହଙ୍ଗେରୀ, ପୋଲାଣ୍ଡ, ରୁମାନିଆ ପ୍ରଭୃତିକୁ ନେଇ ପୂର୍ବପଟେ ଏକ ବିରାଟ ମେଣ୍ଟ ବାନ୍ଧିବାର ଆୟୋଜନ କରୁଛନ୍ତି ବୋଲି ପ୍ରକାଶ ପାଇଛି । ପୂର୍ବ ଆଫ୍ରିକାରେ ଜର୍ମାନୀ ରାଜ୍ୟର ଯେ ଉପନିବେଶମାନ ଥିଲା ଗଲା ଜର୍ମାନୀ ଯୁଦ୍ଧପରେ ଇଂରେଜମାନେ ତାକୁ ନିଜ ହାତକୁ ନେଇ ଯାଇଛନ୍ତି । ଜର୍ମାନୀ ସେସବୁକୁ ବର୍ତ୍ତମାନ ଫେରି ପାଇବା ପାଇଁ ପ୍ରକାଶ୍ୟ ଦାବୀକରି ସାରିଲେଣି । ଜର୍ମାନଶାସକ ହିଟଲର ଗଲା ୯ ତାରିଖ ତାଙ୍କ ବକ୍ତୃତାରେ ପରିଷ୍କାର ଘୋଷଣା କରି କହୁଛନ୍ତି ଯେ ସାମରିକ ଦୁର୍ଗ ଓ ସେସବୁ ଦୁର୍ଗରେ ରଣସମ୍ଭାର ଆୟୁଧମାନ ସେ ପଶ୍ଚିମ ପଟକୁ ଅଢ଼ୁରି ଅଧିକ ପରିମାଣରେ ତିଆରି କରିବେ ଓ ଖଞ୍ଜିବେ । ଇଂରେଜ ପ୍ରଧାନମନ୍ତ୍ରୀ ମଧ୍ୟ ତାଙ୍କ ରାଜ୍ୟରେ ସୈନ୍ୟବଳ ଅସ୍ତ୍ର ଶସ୍ତ୍ର ଓ ଅନ୍ୟାନ୍ୟ ପ୍ରକାର ଯୁଦ୍ଧ ଆୟୋଜନ ଯେପରି ଖୁବ ଭଲ ଭାବରେ ପରିପୂର୍ଣ୍ଣ ହୋଇ ଇଂରେଜ ଖୁବ ଶକ୍ତିଶାଳୀ ହେବ ସେଥିରେ ଯଦି ମାତ୍ର ହେଲା କରିବେ ନାହିଁ ବୋଲି କହୁଛନ୍ତି ।

ଏସବୁ ପୁଣି ଏକ ଘୋର ଘନଘଟାର ସୂଚନା । ବର୍ତ୍ତମାନ ଯେ ଯୁଦ୍ଧ ଏଡ଼ି ଦିଆଗଲା ଏହା କେତେକ ରାଜ୍ୟର ସାମରିକ ଅସୁବିଧା ହେତୁ ଓ ପ୍ରତ୍ୟକ୍ଷ ସ୍ୱାର୍ଥ ନ ଥିବା ହେତୁ । କିନ୍ତୁ ଏହା ଯେ ପ୍ରକୃତ ଶାନ୍ତି ନୁହେ, କେତୋଟି ସମର ପୀଡ଼ିତ ରାଜ୍ୟ ଗୁଳକମାନଙ୍କ ଆକାଙ୍କ୍ଷା ଓ ପ୍ରତିପତ୍ତି ଯେ କ୍ରମେ ଅଧିକରୁ ଅଧିକ ଉଗ୍ର ହୋଇ ଉଠୁଛି ଏଥିରେ ସନ୍ଦେହ ନାହିଁ । ଯେପରି ଦେଖାଯାଉଛି ଶାନ୍ତି ପରିବର୍ତ୍ତେ ପ୍ରବଳ ଝଡ଼ତୋଫାନ ମାଡ଼ ଆସିବାର ଘୋର ଆଶଙ୍କା ରହିଛି ।

ରାଜକୋଟରେ ଲାଠି ଚାଲିଲା

ଜଲସା ଜାଗାରେ ପିକେଟିଂ କରିବା ମନା

ରାଜକୋଟ, ତା ୧୦।୧୦।୩୮

ରାଜକୋଟ ରାଜ୍ୟରେ ଲୋକେ ଜାଗି ଉଠିଛନ୍ତି । ଦରବାର ପକ୍ଷରୁ କରା ଯାଉଥିବା ଜଲସା ଯେପରି କେହି ନ ଧରିବେ ସେଥିପାଇଁ ଦଳେ ଲୋକ ପିକେଟିଂ କରିବାକୁ ଆସିଥିଲେ । ଦରବାର ଗଡ଼ଠାରେ ଲୋକେ ଜମା ହେବାରୁ ସ୍ଥାନୀୟ ମେଜେଷ୍ଟର ସେମାନଙ୍କୁ ଚାଲିଯିବାକୁ ଆଦେଶ ଦେଲେ । ଲୋକେ ଆଦେଶ ଅମାନ୍ୟ କରି ପିକେଟିଂ ଆରମ୍ଭ କରିବାରୁ ପୁଲିସ ଜନତା ଉପରେ ଲାଠି ଚଳାଇ ଲୋକଙ୍କୁ ଘଉଡ଼ାଇ ଥିଲେ । ଫଳରେ ଅନେକ ଲୋକ ଆହତ ହୋଇ ପଡ଼ିଛନ୍ତି ।

(ଏ, ପି)

ସୀମାନ୍ତ ଗାନ୍ଧୀଙ୍କଘରେ ମହାତ୍ମା ଗାନ୍ଧୀ

ଉତ୍ତମନ ଜୟୁରେ ହଜାର ହଜାର ପଠାଣଙ୍କ ସଂବର୍ଦ୍ଧନା

ଜାଲି କୁରୁତାଦଲର ନୀରବ ଅଭିବାଦନ

ପେଶବାର, ତା ୧।୧୦।୩୮

ମହାତ୍ମା ଗାନ୍ଧି ବର୍ତ୍ତମାନ ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶରେ ଅଛନ୍ତି । ସେ ପେଶବାରଠାରୁ ଆଜି ଉପରବେଳା ସଦଳବଳରେ ସୀମାନ୍ତ ଗାନ୍ଧି ଖାଁ ଅବଦୁଲ ଗଫୁର ଖାଁଙ୍କ ଗ୍ରାମ ଉତ୍ତମନଜୟୁକୁ ଗଲେ । ପେଶବାରଠାରୁ ଖାଁ ଭାଇମାନଙ୍କ ଗ୍ରାମ ପର୍ଯ୍ୟନ୍ତ ସମସ୍ତ ରାସ୍ତାରେ ୪ ହଜାର ସରକ ନାଲିକୁରୁତା-ବାଲା ସ୍ୱେଚ୍ଛାସେବକ କଂଗ୍ରେସର ତିରଙ୍ଗା ପତାକା ଧରି ଜମା ହୋଇଥିଲେ । ଗାନ୍ଧିଜୀଙ୍କ ଗାଡ଼ି ସେହିବାଟେ ଚାଲିବେଳେ ସେମାନେ ପତାକା ହଲାଇ ନୀରବରେ ଅଭିବାଦନ କରିଥିଲେ । ଗାନ୍ଧିଜୀଙ୍କ ସ୍ୱାସ୍ଥ୍ୟ ଭଲ ନ ଥିବାରୁ ଏବଂ ସେ ବଡ଼ ଦୁର୍ବଳ ଓ କ୍ଲାନ୍ତ ହୋଇ ପଡ଼ିଥିବାରୁ କୌଣସି ପ୍ରକାର ଜୟଧ୍ୱନି ନ କରିବାକୁ ନିଷେଧ କରାଯାଇଥିଲା । ମହାତ୍ମା ଗାନ୍ଧି ମଧ୍ୟ ନୀରବରେ ଏହି ନାଲିକୁରୁତା ସ୍ୱେଚ୍ଛାସେବକମାନଙ୍କୁ ଆଶୀର୍ବାଦ କରିଥିଲେ ।

ମହାତ୍ମାଜୀଙ୍କ ସାଙ୍ଗରେ ଥିବା ଅନ୍ୟମାନେ ପ୍ରଚାର କାର୍ଯ୍ୟ ପାଇଁ ଯେଉଁ ମଟରବସ ପଣ୍ଡିତ ଜହରଲାଲ ନେହେରୁ ହରିପୁରା କଂଗ୍ରେସରେ ସୀମାନ୍ତ ପ୍ରଦେଶକୁ ଦେଇଥିଲେ ସେହି ବସରେ ବସି ଉତ୍ତମନଜୟୁକୁ ଯାଇଥିଲେ ।

ମହାତ୍ମା ଗାନ୍ଧି ସୀମାନ୍ତ ପ୍ରଦେଶରେ କେତେଦିନ ରହିବେ ଏବଂ କେଉଁ କେଉଁ ଅଞ୍ଚଳ ଭ୍ରମଣ କରିବେ ସେଥିର ସଠିକ ନିର୍ଦ୍ଦେଶ ଏ ପର୍ଯ୍ୟନ୍ତ କରାହୋଇନାହିଁ ।

ମହାତ୍ମା ଗାନ୍ଧିଙ୍କୁ ଦର୍ଶନ କରିବା ପାଇଁ ହଜାର ହଜାର ପଠାଣ ଆସି ଖାଁ ଅବଦୁଲ ଗଫର ଖାଁଙ୍କ ଘରଠାରେ ଜମା ହୋଇଛି କରିବରେ ଓ ଧୀର ସ୍ଥିର ଭାବରେ ଅପେକ୍ଷା କରି ରହୁଛନ୍ତି ଏବଂ ଦର୍ଶନ ପାଇବା ମାତ୍ରେ ସେହିପରି ନୀରବରେ ଚାଲି ଯାଉଛନ୍ତି ।

—ଃ—

ପେଶବାର ହରିଜନ ସମ୍ମିଳନୀ ମହାତ୍ମାଜୀଙ୍କୁ ଅଭିନନ୍ଦନ

ପେଶବାର, ତା ୧।୧୦।୩୮

ମହାତ୍ମା ଗାନ୍ଧି ବର୍ତ୍ତମାନ ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶରେ ଅବସ୍ଥାନ କରୁଥିବାର ସୁଯୋଗ ନେଇ ପେଶବାରଠାରେ ଏହି ମାସ ଭିତରେ ପ୍ରାଦେଶିକ ହରିଜନ ସମ୍ମିଳନୀ କରାହୋଇ ମହାତ୍ମା ଗାନ୍ଧିଙ୍କୁ ଏକ ଅଭିନନ୍ଦନ ପତ୍ର ଦେବାଲାଗି ହରିଜନ ସଂଘ କାର୍ଯ୍ୟକାରୀ କମିଟିର ଏକ ଜରୁରୀ ବୈଠକରେ ସ୍ଥିର ହୋଇଛି ।

କରାଚୀରେ ଶିଖ ସତ୍ୟାଗ୍ରହ

ମ୍ୟୁନିସିପାଲଟି ଆଦେଶର ଅପବ୍ୟବହାର

କରାଚୀ, ତା ୧।୧୦।୩୮

ଏଠାକୁ ମ୍ୟୁନିସିପାଲଟି କର୍ତ୍ତୃପକ୍ଷ ଗୁରୁଦ୍ୱାର ଅଳାଲଭୁଙ୍ଗା ଭିତର ଦେଇ ଗୋଟାଏ ରାସ୍ତା ତିଆରି କରାଯିବାର ନିଷ୍ପତ୍ତି କରିଥିବାରୁ ସ୍ଥାନୀୟ ଶିଖମାନେ ସେ ଆଦେଶର ପ୍ରତିବାଦରୂପେ ସତ୍ୟାଗ୍ରହ ଚଳେଇଛନ୍ତି । ଗତ ୧୦ଦିନ ହେଲା ଏ ସତ୍ୟାଗ୍ରହ ଚାଲିଛି । ଆଜି ଶିଖମାନେ ଏକ ବିରାଟ ପଦୁଆର ବାହାର କରି ସହରର ଚାରିଆଡ଼େ ସନ୍ଧ୍ୟାଯାଏ ବୁଲି ସେମାନଙ୍କ ଦାବୀ ପ୍ରଚାର କରି ଲୋକଙ୍କ ସହାନୁଭୂତି ଆକର୍ଷଣ କରିଥିଲେ । ହିନ୍ଦୁ ସଭା ମେମ୍ବରମାନେ ମଧ୍ୟ ଏଥିରେ ଯୋଗ ଦେଇଥିଲେ ।

ସାର ସୁଲତାନ ଅହମଦ ଜେନେଭାରୁ ଫେରିଲେ

କରାଚୀ, ତା ୧୦।୧୦।୩୮

ସାର ସୁଲତାନ ଅହମଦ ଜେନେଭାଠାରେ ପୃଥିବୀ ପଞ୍ଚାୟତ ବୈଠକରେ ଯୋଗ ଦେଇ ଉଡ଼ାଜାହାଜ ଯୋଗେ ଫେରିଆସି ଏଠାରେ ପ୍ରାଦେଶିକ ମୁସଲିମ ଲିଗ ସମ୍ମିଳନୀ ଓ ମୁସଲିମ ଲିଗ କାଉନସିଲ ବୈଠକରେ ଯୋଗ ଦେଇଥିଲେ । ସେ ଆଜି ସକାଳେ ଏଠାରୁ ଦିଲ୍ଲୀ ବାହାରିଗଲେ ।

ମୁସଲିମ ଲିଗ କାଉନସିଲ ଆସାମ ମନ୍ତ୍ରୀମଣ୍ଡଳ ସମସ୍ୟାରେ ଅସନ୍ତୋଷ ପ୍ରକାଶ କରି ଲାଟଙ୍କୁ ତାଙ୍କ କ୍ଷମତାଜାରି କରିବାପାଇଁ ଦାବୀକରି ପ୍ରସ୍ତାବ ଗ୍ରହଣ କରିଛନ୍ତି ।

ନିଖିଳ ଭାରତ ମହିଳା ସମ୍ମିଳନୀ ଦିଲ୍ଲୀରେ ଡିସେମ୍ବର ମାସରେ ବସିବ

ଦିଲ୍ଲୀ, ତା୧୦।୧୦।୩୮

ନିଖିଳ ଭାରତ ମହିଳା ସମ୍ମିଳନୀର ୧୩ଶ ଅଧିବେଶନ ଦିଲ୍ଲୀଠାରେ ଆଗାମୀ ଡିସେମ୍ବର ମାସ ୨୨ ତାରିଖଠାରୁ ୩୧ ତାରିଖଯାଏ ବସିବ । ସ୍ଥାନୀୟ ଶାଖା ସଂଘ ଏଥିପାଇଁ ଆୟୋଜନ ଆରମ୍ଭ କରିଦେଲେଣି । ସମ୍ମିଳନୀବେଳେ ଏଠାରେ ଗୋଟିଏ ପ୍ରଦର୍ଶନୀ କରାଯିବାର ମଧ୍ୟ ସ୍ଥିର ହୋଇଛି । ପାଣ୍ଠି ସଂଗ୍ରହ ଓ ଅଭ୍ୟର୍ଥନା ସମିତିର ମେମ୍ବର ସଂଗ୍ରହପାଇଁ ଗୋଟିଏ ସବ୍‌କମିଟି ଗଢା ହୋଇଛି । ମିଷ୍ଟର ଆସଫଅଲି ବାରିଷ୍ଟରଙ୍କ ସହଧର୍ମିଣୀ ପ୍ରାରମ୍ଭିକ ଆୟୋଜନର ଭାର ନେଇଛନ୍ତି । ସେ ଦିଲ୍ଲୀ ମହିଳା ସଂଘର ସେକ୍ରେଟରୀ ଅଟନ୍ତି । (ୟୁ, ପି,)

ଚେମ୍ବରଲେନ ଗାନ୍ଧିଙ୍କୁ ଭେଟିବେ ?

ଶାନ୍ତିପ୍ରତିଷ୍ଠାପାଇଁ ଭାରତ ଗୋଟାଏ ପ୍ରବଳ ଶକ୍ତି

ବିଲାତରେ ଭାରତପାଇଁ ଭାବନା

ଲଣ୍ଡନ, ତା୧।୧୦।୩୮

କଲିକତା 'ଆଡ଼ଭାନ୍ସ' ଖବରକାଗଜର ବିଲାତରେ ଥିବା ନିଜ ସମ୍ବାଦଦାତାଙ୍କ ଚିଠିରୁ ପ୍ରକାଶ ଯେ ଗତ ଶୁକ୍ରବାର ଦିନ ବିଲାତର ପ୍ରଧାନମନ୍ତ୍ରୀ ମିଃ ଚେମ୍ବରଲେନ ବିଲାତର ରାଜାଙ୍କ ସଙ୍ଗେ ସାକ୍ଷାତ କରିବାରୁ ଠିକ ଅବ୍ୟବହିତ ପୂର୍ବରୁ ଛୁଟିରେ ଥିବା ଭାରତର ବଡ଼ଲାଟ ଲର୍ଡ ଲିନଲିଥିଗୋ ରାଜାଙ୍କ ସଙ୍ଗେ ସାକ୍ଷାତ କରିଥିଲେ ।

ରାଜାଙ୍କ ସଙ୍ଗେ ବଡ଼ଲାଟ ଓ ପ୍ରଧାନ ମନ୍ତ୍ରୀଙ୍କ ସାକ୍ଷାତ ଯେ ଠିକ ପରେ ପରେ ଘଟିଗଲା, ଏଥିରୁ ଏଠା ରାଜନୈତିକ ମହଲ କଳ୍ପନା ଜଳ୍ପନା କରୁଛନ୍ତି ଯେ ଭାରତ ସମସ୍ୟାର ସମାଧାନ ପାଇଁ ଏଣିକି ପ୍ରତ୍ୟକ୍ଷ ଭାବରେ ମିଷ୍ଟର ଚେମ୍ବରଲେନ ଉଦ୍ୟମ କରିବାର ଏହା ପୂର୍ବ ସୂଚନା ପରି ଜଣାଯାଉଛି ।

ଗତ କାଲି ବିଲାତର ଜଣେ ରାଜନୀତିଜ୍ଞ ଖୁବ ଗୁରୁତ୍ୱର ସହିତ କହୁଥିବାର ଶୁଣା ଯାଇଥିଲା ଯେ ମହାତ୍ମା ଗାନ୍ଧି ଓ ମିଷ୍ଟର ଚେମ୍ବରଲେନଙ୍କ ଭିତରେ ସାକ୍ଷାତ ହେବା ଦରକାର । ସେ କୁଆଡ଼େ ଆହୁରି ମଧ୍ୟ କହୁଥିଲେ ଯେ ୟୁରୋପୀୟ ସମସ୍ୟାର ଗୋଟାଏ ସମାଧାନ ହୋଇଯିବା ସଙ୍ଗେ ସଙ୍ଗେ ମିଷ୍ଟର ଚେମ୍ବରଲେନ ସାମ୍ରାଜ୍ୟ ସମସ୍ୟା ପ୍ରତି ଦୃଷ୍ଟି ପକାଇବେ ବୋଲି ତାଙ୍କର ବିଶ୍ୱାସ । ସେ କହିଲେ ଯେ ଇଂରେଜ ସାମ୍ରାଜ୍ୟ ଭିତରେ ଭାରତର ରାଜନୈତିକ ସ୍ୱାଧୀନତା ଦାବୀ ଯେ ଅତି ଗୁରୁତର ଏ କଥା ମିଷ୍ଟର ଚେମ୍ବରଲେନ ବୁଝିଛନ୍ତି । ମିଷ୍ଟର ଚେମ୍ବରଲେନ ଏକଥା ମଧ୍ୟ ଉପଲବ୍ଧି କରୁଛନ୍ତି ଯେ ପୃଥିବୀରେ ଶାନ୍ତି ପ୍ରତିଷ୍ଠା ଉଦ୍ୟମରେ ଭାରତ ଗୋଟାଏ ପ୍ରବଳ ଶକ୍ତି ।

ଏହିସବୁ କଳ୍ପନା ଜଳ୍ପନାରୁ ବେଶ ଅନୁମାନ କରି ଯାଇପାରେ ଯେ ବିଲାତର ପ୍ରଧାନମନ୍ତ୍ରୀ ମିଷ୍ଟର ଚେମ୍ବରଲେନ ନିକଟରେ ଭାରତକୁ ଆସିବେ ଏବଂ ମହାତ୍ମା ଗାନ୍ଧିଙ୍କ ସଙ୍ଗେ ହୃଦୟ ଖୋଲି କଥାବାର୍ତ୍ତା କଲା ପରେ ଭାରତ ସମସ୍ୟାର ଗୋଟାଏ ଶେଷ ସମାଧାନ କରିଦେବେ ।

ଓଡ଼ିଶା ଗଡଜାତରେ ଦମନ ନୀତି

ତାଳଚେର ଓ ଢେଙ୍କାନାଳରେ ଗିରଫଦାର

ଆଠଗଡ଼ରେ ପୋଲିସ ପରେଡ ଓ ଖାନତଲାସ

ଢେଙ୍କାନାଳ ଷ୍ଟେସନ, ତା ୧୦।୧୦।୩୮

ଏଠାରେ ଖବର ମିଳିଛି ଯେ ଆଜି ୧୧ ଜଣ ସ୍ୱେଚ୍ଛାସେବକ ସିମୁଳିଆ ପ୍ରଭୃତି ମୌଜାବାଟେ ଗଡ଼କୁ ସତ୍ୟାଗ୍ରହ କରି ଆସୁଥିଲେ । ବାଟରେ ତାଙ୍କୁ ୩।୪ ଜଣ ପୋଲିସ ଅଟକାଇ ଗଡକୁ ନ ଯିବାପାଇଁ ବୁଝାଇ ବୁଝାଇ କହିଲେ । ସେମାନେ ଫେରିଯାଇ ପୁଣି ଅନ୍ୟବାଟେ ଷ୍ଟେସନଆଡ଼େ ଆସୁଥିଲେ । ପରେ କେତେ ଲୋକ ଆସି ତାଙ୍କୁ ଡାକିଲେ । ସେମାନେ ଗଡ଼କୁ ଯାଉଥିବା ବେଳେ ପୁଲିସ ଫଉଜ ସେମାନଙ୍କୁ ଅବରୋଧ କରି ସେମାନଙ୍କ ଉପରେ ଲାଠି ଚଳାଇ ଗିରଫ କରି ନେଇଗଲେ । ଜଣେ ଲୋକର ମୁଣ୍ଡରେ ଗୁରୁତର ଆଘାତ ହୋଇଥିବାର ପ୍ରକାଶ ।

୧୨ ତାରିଖ ସଭା

ଆସନ୍ତା ୧୨ ତାରିଖ ଢେଙ୍କାନାଳ ରାଜଦରବାର ଢେଙ୍କାନାଳ ଗଡ଼ରେ ଏକ ସଭା ଡକାଉଛନ୍ତି । ସେ ସଭାକୁ ପ୍ରତି ଗାଁରୁ ୨ ଜଣ ଲେଖାଁଏ ପ୍ରତିନିଧି ଡକାଇଛନ୍ତି । ସଭାରେ ପ୍ରଜାଙ୍କ ଅଭାବ ଅଭିଯୋଗ ବିଚାର ହେବ ବୋଲି ରାଜଦରବାରଙ୍କ ନୋଟିସରେ ଲେଖାଯାଇଛି ।

ତାଳଚେରରେ ଗିରଫଦାର

ଅନୁଗୁଳ, ତା ୧୦।୧୦।୩୮

ଏଠାରେ ଖବର ମିଳେ ଯେ ତାଳଚେରରେ ପୁଣି ୨୦ ଜଣ ଯାଇ ଗଡ଼ରେ ସତ୍ୟାଗ୍ରହ କରିଥିଲେ । ସେମାନଙ୍କୁ ଗିରଫଦାର କରାଯାଇ ଜେଲକୁ ନିଆଯାଇଛି ।

---

୯୨ ଜଣ ସତ୍ୟାଗ୍ରହୀ ଗିରଫ

କଟକ, ତା ୧୧।୧୦।୩୮

ତାଳଚେର ପ୍ରଜାମଣ୍ଡଳର ଖବରରୁ ପ୍ରକାଶ ଯେ ତାଳଚେର ରାଜ୍ୟରେ ସତ୍ୟାଗ୍ରହ କରି ୯୨ ଜଣ ସ୍ୱେଚ୍ଛାସେବକ ଗିରଫଦାର ହେଲେଣି । ୭ ତାରିଖ ଦିନ ସ୍ୱେଚ୍ଛାସେବକମାନେ ଗଡ଼ତଳ ଯେମାଇଁ ବିଷମାନଙ୍କରେ ଗାଁ ଗାଁରେ ବୁଲି ପ୍ରଜାମଣ୍ଡଳର ଆଦେଶପତ୍ର ବାଣ୍ଟିଥିଲେ । ଗାଁଗଣ୍ଡାର ଶହ ଶହ ଲୋକ ଏ ସ୍ୱେଚ୍ଛାସେବକଙ୍କ ସାଙ୍ଗରେ ଯୋଗ ଦେଇ ପ୍ରଚାର କରିଥିଲେ । ପ୍ରଚାର ପରେ ସେଠା ସ୍ୱେଚ୍ଛାସେବକମାନେ ଖାଇପିଇ ବିଶ୍ରାମ କରୁଥିବାବେଳେ ପୁଲିସ ସେମାନଙ୍କୁ ମାଡ଼ ଦେଇ ଗିରଫ କରିନେଇ ଯାଇଥିଲେ ।

୮ ତାରିଖ ଦିନ ବାଦୁଅଳାର ଶ୍ରୀନିବାସ ରାଉଳଙ୍କ ନେତୃତ୍ୱରେ ୨୦ ଜଣ ସତ୍ୟାଗ୍ରହୀଙ୍କୁ ପୁଲିସ ବାଟରୁ ଗିରଫ କରିଥିଲେ ଓ ମାଡ଼ ଦେଇ ଥାନାକୁ ନେଇ ଯାଇଥିଲେ ।

୯ ତାରିଖ ଦିନ ମଧ୍ୟ ୨୦ଜଣ ସତ୍ୟାଗ୍ରହୀ ସତ୍ୟାଗ୍ରହ କରିବାକୁ ଯାଇଥିଲେ । ଜେଲ ଭିତରେ ସତ୍ୟାଗ୍ରହୀମାନଙ୍କୁ ମାଡ଼ ଦିଆଯାଉ ଥିବାର ଅଭିଯୋଗ ଶୁଣାଯାଉଛି ।

ଆଠଗଡ଼ରେ ପୋଲିସ ପରେଡ ଓ ଖାନତଲାସ

ଆଠଗଡ଼, ତା ୧୦।୧୦।୩୮

ଗତ ରାତି ୮ଜଣ ପୁଲିସ ଢେଙ୍କାନାଳରୁ ଆସି ଏଠାରେ ପହଞ୍ଚିଛନ୍ତି । ଆଜି ସକାଳେ ଢେଙ୍କାନାଳ ଆଠଗଡ଼ ପୁଲିସ ମିଶି ଗଡ ଭିତରେ ମାର୍ଚ୍ଚିଂ କରିଥିଲେ । ୫ଜଣ ବା ତହିଁରୁ ଅଧିକ ଲୋକ ଏକାଠି ବସିପାରିବେ ନାହିଁ ବୋଲି ରାଜ୍ୟରେ ହୁକୁମ ଜାରି ହୋଇଛି । ଏଠାରେ ସ୍କୁଲ ସବ୍ ଲଃ ଓ ଆଉ ୨ ଜଣ ଷ୍ଟାମ୍ପ ଭେଣ୍ଡରଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଥିବା ପ୍ରକାଶ । ଦୁଇଜଣ ସାଧାରଣ କର୍ମଚାରୀଙ୍କୁ ଆଜ ଜେଲରୁ ଖାଲସ କରି ଦିଆଯାଇଛି । ମଫସଲକୁ ମଧ୍ୟ ପୁଲିସ ଫୌଜ ସ୍ଥାନସ୍ଥାନକୁ ପଠାଯାଉଛନ୍ତି । ଜେଲରେ ଦୁଇଜଣ ବନ୍ଦୀ ଖାଇବାକୁ ମନା କରିବାରୁ ତାଙ୍କୁ ବେତମାଡ ହୋଇଥିବା ପ୍ରକାଶ । କେତେ ଜାଗା ମଧ୍ୟ ଖାନତଲାସ ହୋଇଥିବାର ଶୁଣାଯାଏ ।

—ଃ—

ବିଚାରକଙ୍କ ପ୍ରତିବାଦ

ଢେଙ୍କାନାଳ, ତା ୧୧।୧୦।୩୮

ଆଠଗଡ଼ ପ୍ରଚାର ବିଭାଗ ଅଫିସର ନିମ୍ନଲିଖିତ ମର୍ମରେ ତାର କରିଛନ୍ତି—ଲୋକେ ବୟସ୍କ ବା ନିମ୍ନଶ୍ରେଣୀର ପୁଲିସ ଚାକରଙ୍କ ସେବା ବନ୍ଦ ନ କରିବା କଥା ଯେ ସମାଜରେ ଉଲ୍ଲେଖ ହୋଇଛି ତାହା ଅମୂଳକ ।

ଜଙ୍ଗଲ ଅଫିସରଙ୍କର ଏକ ତାରରେ ପ୍ରକାଶ ଯେ ୧୯ ସେପ୍ଟେମ୍ବରରୁ ୮ ଅକ୍ଟୋବର ମଧ୍ୟରେ ଗଛକାଟା ଅପରାଧ ହୋଇନାହିଁ ବୋଲି ଯେ ସମାଜରେ ପ୍ରକାଶ ହୋଇଛି ଏହା ଅମୂଳକ । ଦରବାର ଏହା ପ୍ରମାଣ କରିବାକୁ ପ୍ରସ୍ତୁତ । ଜଙ୍ଗଲରେ ଗଛ କାଟିଥିବା ଲୋକେ ଏପର୍ଯ୍ୟନ୍ତ ସେ ଗଛ ଉଠାଇ ନେଇ ନାହାନ୍ତି ବୋଲି ସେ ଲେଖିଛନ୍ତି ।

—ଃ—

ଢେଙ୍କାନାଳ ଖବର

କଟକ, ତା ୧୧।୧୦।୩୮

ଢେଙ୍କାନାଳ ଷ୍ଟେସନରୁ ଭଜନୀ ସାହୁ ନାମକ ଜଣେ ଯୁବକ 'ରଣଭେରୀ' କାଗଜ ବାଣ୍ଟୁଥିବା ବେଳେ ଢେଙ୍କାନାଳ ଷ୍ଟେସନରୁ ଗିରଫ ହୋଇ କଟକ ଜେଲରେ ଥିଲେ । ଆଜ ତାଙ୍କୁ କୋଟକୁ ଅଣାଯାଇ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ସେ କଟକ ଜେଲରେ ରହିବେ । ଇତିମଧ୍ୟରେ କୋର୍ଟ ଢେଙ୍କାନାଳକୁ ଜଣାଇ ସେଠାରୁ ପୁଲିସବାଲା ଆସିଲେ ତାଙ୍କୁ ଢେଙ୍କାନାଳକୁ ପଠାଇବ ବୋଲି ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଭାବଗ୍ରାହୀ ମିଶ୍ର ଆଦେଶ ଦେଇଛନ୍ତି ।

—ଃ—

୪ ଜଣ ଲୋକ ମରିଗଲେ

୧୦ ଜଣ ଲୋକ ଆହତ

କଟକ, ତା ୧୧।୧୦।୩୮

ଆଜ ସନ୍ଧ୍ୟାବେଳେ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀଙ୍କଠାରୁ ଜେନାପୁରଠାରୁ ତାର ଆସିଛି ଯେ ଢେଙ୍କାନାଳ ଷ୍ଟେଟର ପ୍ରଚଣ୍ଡପୁର ଗାଁରେ ପୁଲିସ ଫୌଜଦ୍ୱାରା ୪ ଜଣ ଲୋକ ମରିଯାଇଛନ୍ତି ଏବଂ ୧୦ ଜଣ ଲୋକ ଆହତ ହୋଇଛନ୍ତି ।

ବିଶେଷ ବିବରଣୀ କିଛି ମିଳିନାହିଁ ।

—ଃ—

ସ୍ୱରାଜ୍ୟେ ମନ୍ତ୍ରୀ ପରିଷଦ

କଟକ, ତା ୧୧।୧୦।୩୮

ଆଜ ଓଡ଼ିଶା ମନ୍ତ୍ରୀ ପରିଷଦର ଏକ ଜରୁରୀ ବୈଠକ ପୁରୀରେ ବସୁଛି । ତିନିଜଣଯାକ ମନ୍ତ୍ରୀ ଏଥିପାଇଁ ପୁରୀ ଯାଇଛନ୍ତି । ପ୍ରଧାନମନ୍ତ୍ରୀ ସେଠାରୁ ଆଜ ରାତିରେ କାଲେକ୍ଟରରେ କାଲି ୧୨ତାରିଖ ଅଫିମ ନିବାରଣ ବ୍ୟବସ୍ଥା ଆରମ୍ଭ କରିବା ସଂକ୍ରାନ୍ତରେ କାଲେକ୍ଟର ଯିବେ ।

—ଃ—

ବିଲାତରେ ରାଜ୍ୟ ମଣ୍ଡଳୀ ବୈଠକ

କଟକ, ତା ୧୧।୧୦।୩୮

ଖବର ମିଳେ ଯେ ଆସନ୍ତା ୧୭ତାରିଖ କଲିକତାଠାରେ ଇଷ୍ଟର୍ଣ୍ଣ ଷ୍ଟେଟ ଏଜେନ୍ସି ରାଜା ମହାରାଜାମାନଙ୍କର ଏକ ବୈଠକ ହେବ । ସେଥିରେ ରେସିଡେଣ୍ଟ ସାହେବ ଓ ପଲିଟିକାଲ ଏଜେଣ୍ଟ ମଧ୍ୟ ଯୋଗ ଦେବେ ବୋଲି ଖବର ମିଳେ ।

—ଃ—

ଢେଙ୍କାନାଳ ପ୍ରତିବାଦ

**ଢେଙ୍କାନାଳ, ତା